# ଜୟଗୁରୁ

## ନୀଳାଚଳ ସାରସ୍ୱତ ସଂଘ, ପୁରୀ

## ଶାଖା – ଆମେରିକା ସାରସ୍ୱତ ସଂଘ

ଦ୍ୱିତୀୟ ବାର୍ଷିକ ଅଧିବେଶନର କାର୍ଯ୍ୟସୂଚୀ

ତାରିଖ - ୦୧-୧୪-୦୬ ସମୟ -୦୬:୫୦-୧୧:୩୫ (ET) / ୧୧:୫୦-୧୬:୩୫ (GMT) ପାଳିଆ - ବିଜୟ ଭାଇ

Phone Number – (702) 851-3330, Access Code - 52924878

| Time (ET) | ପ୍ରଥମ ଅଧିବେଶନ (ସକାଳ ୬:୫୦ ରୁ ୮:୦୫) | First session (6:50am - 8:05am) |
|---|---|---|
| 6:50 – 7:00 | ପ୍ରତୀକ୍ଷା (ନୂତନ ପ୍ରଭାତେ ନୂତନ ହୃଦୟେ) ବିଶ୍ୱଜିତ୍ ଭାଇ | Pratiksha (Nutana Prabhate) Biswajit Bhai |
| 7:00 – 7:15 | ଆରତି ବିଜୟ ଭାଇ | Aarati Bijoy Bhai |
| 7:15 – 7:30 | ବନ୍ଦନା (ବନ୍ଦେ ଶ୍ରୀଗୁରୁ), ସ୍ତୋତ୍ର ବନ୍ଦନା | Bande Shriguru, Stotra Bandana |
| 7:30 – 7:40 | ପରିଚୟ ପତ୍ର ଓ ସମ୍ମିଳନୀ ପ୍ରାର୍ଥନା ବିଜୟ ଭାଇ | Parichaya Patra and Sammilani Prarthana Bijoy Bhai |
| 7:40 – 8:00 | ସଂଘସେବକ ୨୫ ଭାଗ, ଦ୍ୱିତୀୟ ସଂଖ୍ୟା ଜ୍ଞାନ ଭାଇ<br>ପ୍ରାର୍ଥନା ଓ ପ୍ରାର୍ଥନାକାରୀଙ୍କ ପ୍ରତି | Sangha Sebak 25th year 2nd part Gyan Bhai<br>Prarthana and Prarthanakarinka Prati |
| 8:00 – 8:01 | ଶ୍ରୀ ଶ୍ରୀ ଗୁରୁଗୀତା (ଶ୍ଳୋକ ୭୬) ବ୍ରଜ ଭାଇ | Shri Shri GuruGeeta (Verse 76) Braja Bhai |
| 8:01 – 8:02 | ପରପୂଜା ନିମନ୍ତ୍ରଣ ବିଜୟ ଭାଇ | Invitation for the next session Bijoy Bhai |
| 8:02 – 8:05 | ଜୟଗୁରୁ ନାମ କୀର୍ତ୍ତନ, ପ୍ରଣାମ ଓ ଆସନ ବନ୍ଦ | Jayaguru nama kirtana and closing of aasana |

| Time (ET) | ଦ୍ୱିତୀୟ ଅଧିବେଶନ (ସକାଳ ୯:୨୫ ରୁ ୧୧:୩୫) | Second session (9:25am – 11:35pm) |
|---|---|---|
| 9:25 – 9:30 | ଆବାହନ (କେତେ ଗୋପନ ଆଶା) ବୃନ୍ଦାବନ ଭାଇ | Aabahana (Kete Gopana Aasha) Brundaban Bhai |
| 9:30 – 9:32 | ପ୍ରଣାମ ଗାନ ପରେ ପରଦା ଉନ୍ମୋଚନ | Pranama and opening of the curtain |
| 9:32 – 9:37 | ସଂଗୀତ (ଦରଶେ ତବ କୋଟି ରବି) ଶିବାନୀ ମା' | Song (Darashe Taba Koti Rabi) Sibani M. Maa |
| 9:37 – 9:45 | ଉପଦେଶ ବିଜୟ ଭାଇ | Upadesha Bijoy Bhai |
| 9:45 – 9:55 | ସଂଗୀତ (ଅଭୟ ବାଣୀ) ଲୀନା ମା' | Song (Abhaya Bani) Leena Maa |
| 9:55 – 10:00 | ବାର୍ଷିକ ବିବରଣୀ ଜ୍ଞାନ ଭାଇ | Annual Report Gyan Bhai |
| 10:00 –11:00 | ପୁସ୍ତକ ପାଠ ଓ ଆଲୋଚନା ସତ୍ୟାନନ୍ଦ ଭାଇ | Book Reading and Discussion Satyananda Bhai |
| 10:00 –11:00 | ସଂଗୀତ | Songs |
| 11:00 –11:20 | ଭାବ ବିନିମୟ | Bhaaba Binimaya |
| 11:20 –11:22 | ଆସନ୍ତା ସଂଘପୂଜା ପାଇଁ ନିମନ୍ତ୍ରଣ ଅଞ୍ଜନା ମା'<br>(୧-୧୫-୦୬) | Invitation for the next puja (1-15-06) Anjana Maa |
| 11:22 –11:24 | ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା ବିଜୟ ଭାଇ | Truti Bichyuti Bijoy Bhai |
| 11:24 –11:30 | ବିଦାୟ ପ୍ରାର୍ଥନା ସ୍ମିତା ବାଇ ମା' | Last Song Smita Bai Maa |
| 11:30 –11:32 | ଜୟଗୁରୁ ନାମ କୀର୍ତ୍ତନ ଓ ଆସନ ବନ୍ଦ | Jayaguru naama kirtana and closing of aasana |
| 11:32 –11:35 | ସଂଘସେବୀଙ୍କର ଉପସ୍ଥାନ ଜ୍ଞାନ ଭାଇ | Attendance Gyan Bhai |

## ନୂତନ ପ୍ରଭାତେ ନୂତନ ହୃଦୟେ

ନୂତନ ପ୍ରଭାତେ ନୂତନ ହୃଦୟେ ପୂଜିବି ନବୀନ ପ୍ରାଣଧନେ
ନୂତନ ନୂତନ ଭକତି-ସୁମନ କରିବି ଶ୍ରୀପଦେ ଅରପଣ
ଜାଗେ ପ୍ରାଣେ ଆଜି
କେତେ ଅଭିନବ ଆଶାରାଜି ।୧।

ନବୀନ ଅନ୍ତରୁ ନବୀନ ଭାଷାର ସଙ୍ଗୀତ-ଝଙ୍କାର ପଡେ ଝରି
ନବୀନ ସେ କେଉଁ ଗୋପନ ରାଇଜୁଁ ତରୁଣବନ୍ଧୁ ସୋହାଗ ଧରି
ଦଶ ଦିଶ ଭରି
ପ୍ରେମାଲୋକେ ଆଲୋକିତ କରି ।୨।

ନବୀନ ଲଗନେ ବନ୍ଧୁ ଶ୍ରୀଚରଣେ ପ୍ରେମ-ଆଶୀର୍ବାଦ କରେଁ ଭିକ୍ଷା
ସେହି ପ୍ରେମେ ତାର ବିଶ୍ୱପରିବାର ସେବିବି ମାଗୁଛି ଏହି ଦୀକ୍ଷା
ବିଶ୍ୱସେବା କରି
ବାହିନେବି ମୋର ଦେହତରୀ ।୩।

ମନ୍ତ୍ରର ସାଧନ କରିବାରେ ମନ ଥିଲେ ଥାଉ ଅବା ଯାଉ ପ୍ରାଣ
ମନ୍ତ୍ରସାଧନେ ବା ଶରୀରପତନେ କରମର ହେଉ ଅବସାନ
'ଜୟଗୁରୁ' ନାମ
କରୁ ସଦା ବରାଭୟ ଦାନ ।୪।

## କେତେ ଗୋପନ ଆଶା କେତେ ଗୋପନ ଭାଷା

କେତେ ଗୋପନ ଆଶା କେତେ ଗୋପନ ଭାଷା
ନିରୋଳା ଏ ମନକୋଣେ ବାନ୍ଧିଛି ବସା
ପ୍ରିୟତମ ହେ ମୋର ମୋର ପ୍ରାଣଠାକୁର
ତୁମ ଲାଗି ଘାରିଛି ଏ ମରମେ ନିଶା ।୦।

ଏଇ ଆସୁଛ ବୋଲି ମୋର ନୟନ ମେଲି
ତୁମ ଆସିବା ବାଟକୁ ଚାହିଁ ରହିଲି
ସତେ ଶୁଭିଗଲା କି ତୁମ ନୂପୁର ଧ୍ୱନି
ଏଇ ଦିଶିଗଲା ତୁମ ଚରଣ ବେନି
ଆସ ପରାଣ ଧନ ମୋର ରଙ୍କରତନ
ଅନ୍ଧର ଲଉଡି ଦୁରୁଦିନ ଭରସା ।୧।

କେତେଦିନ ଆଉ ଦୂରେ ଦୂରେ ରହିବ
ବିରହିଣୀ ରାଧା କେତେ ବାଧା ସହିବ
ମୋର ମରମ ତଳେ ଫୁଲ ଆସନ ପାତି
ଜାଗି ବସିଲିଣି କେତେ ଅସରା ରାତି
ଏବେ ଦିଅ ହେ ଧରା ମୁଁ ଯେ ତୁମରି ପରା
ଅସାର ନକର ମୋର ଜାଗର ଓଷା ।୨।

## ଦରଶେ ତବ କୋଟି ରବି

ଦରଶେ ତବ କୋଟି ରବି ବିଜିତ କମ କାନ୍ତି
ତୁଟିଲା ମନ ପରାଣୁ ମମ ସକଳ ଭ୍ରମ ଭ୍ରାନ୍ତି ।୦।

ତବ ନୟନ ଜ୍ୟୋତି ଲଭି ନବ ଅରୁଣ ଜାଗେ
ବିଶ୍ୱଜନ କର ପ୍ରସାରି ପରଶ ତବ ମାଗେ
କାନନ ଭରି କୁସୁମ ଦଳ ପ୍ରଣମେ କର ପାତି ।୧।

ବନଗହନ ଲତାପତର ଚାମର ଢୋଳାଏ
ମଧୁମଳୟ ଚାମର ଢାଳି ଆଲଟ ଚଳାଏ
ବିହଗଦଳ କାକଳିରେ ଗାଏ ଜୟ ଗୀତି ।୨।

ସାଗରର ଉର୍ମି ତବ ଚରଣ ପଖାଳେ
ବରଣକରି ଗଗନ ରବି ଶଶୀ ତାରକା ମାଳେ
ନିଖିଳ ଭବ ଶରଣ ତବ ମାଗେ ଶିର ପାତି ।୩।

## ବିଦାୟ ବେଳାରେ

ବିଦାୟ ବେଳାରେ ଆଜି ପ୍ରିୟ ପଦ ତଳେ
ବେଦନା ବିଧୁର ପ୍ରାଣେ ପ୍ରଣତି ମୋ ଢାଳେ ।୧।

ପୀରତି ପରଶ ପାଇଥିଲି ଏତେ କ୍ଷଣ
ପାଶୋରି ଥିଲି ମନରୁ ତ୍ରିତାପ ଦହନ ।୨।

ଏ ପ୍ରେମ ମିଳନ ପିଠ ଛାଡି ଯିବାପାଇଁ
ସଂସାର ଡାକଇ ଏବେ ତୁହାଇ ତୁହାଇ ।୩।

ଏତେ ପ୍ରେମ ଏତେ ସୁଖ ଛାଡି ମୁଁ କିପରି
ବିଷୟ ସଂସାରେ ଯିବି ତୁମ ସ୍ମୃତି ଧରି ।୪।

ଯେବେ ଯିବି ସେ ସଂସାରେ କରେ ପଦେ ଅଳି
ଲାଖି ରହୁ ମୋ ଆଖିରେ ତୁମ ରୂପ ଶିରୀ ।୫।

## ବିଦାୟ ବେଳାରେ

ତୁମକୁ ମୂଳରେ ରଖି କରମ କରିବି
ତୁମରି ସଂସାରେ ରହି ସଂସାର କରିବି ।୬।

ଦୁନିଆର ଝଞ୍ଜା ଯେବେ ଆସିବ ଘନାଇ
ନ ଛାଡିବି ତୁମ ପାଦ ଜୟଗୁରୁ ଗାଇ ।୭।

ବିଷୟ ବିଷକୁ ଯେବେ ଏ ମନ ଧାଇଁବ
ତୁମେ ଦେଖୁଅଛ ବୋଲି ପରାଣ ବାରିବ ।୮।

ତୁମ ପାଶେ ଆସିବାକୁ ଗଣୁଥିବି ଦିନ
ତୁମ ଡାକରାକୁ ସଜ ହୋଇଥିବ ମନ ।୯।

ସକଳ ତୃଟି ମୋହର କରି ମାରଜନ
ଦୀନନାଥ ତୁମ ପ୍ରେମେ କର ନିମଗନ ।୧୦।

## ଅଭୟ ବାଣୀ

କହିଲେ ଠାକୁର ବିଦାୟ ପୂର୍ବରୁ ଶୁଣ ଏ କେତୋଟି ବଚନ
ମୋର ତିରୋଧାନେ ରଖିବ ସ୍ମରଣେ, କରିବ ଯତନେ ସାଧନ
ବତ୍ସ! ଲଙ୍ଘି ଯିବ ବାଧା-ବନ୍ଧନ ।୧।

ପାଳିଲେ ବଚନ, ତୁମକୁ ଜଗତେ ନାହିଁ ଶକ୍ତି ରୋଧ କରିବ
ହେବ ଅଗ୍ରସର ବିଶ୍ୱରାଜପଥେ, କିଏ ବାଧା ଦେଇପାରିବ
ବତ୍ସ! ତୁମ ଆଗେ ସିନା ହାରିବ ।୨।

ହୁଅ ଗୃହବାସୀ ଅଥବା ସନ୍ନ୍ୟାସୀ ନାହିଁ ଏଥି ବାଛବିଚାର
ମହତ ଇଚ୍ଛାକୁ ରୂପ ଦେବାପାଇଁ ଆଶ୍ରୟ ନେଇଛ ମୋହର
ବତ୍ସ! ଏକପଥେ ସଖା ସୋଦର ।୩।

ମୋର ବର୍ତ୍ତମାନେ ଆଦେଶ ପାଳନେ ଦ୍ୱନ୍ଦ ନ ରହିବ କିଞ୍ଚିତେ
ନିଜ ମୁଖେ ମୁହିଁ କରେଁ ଯା ଅନୁସରି ଯିବ ସୁଚିତ୍ତେ
ବତ୍ସ! ଉପଦେଶ ମାନି ନିଶ୍ଚିନ୍ତେ ।୪।

ମୋର ଅନ୍ତର୍ଦ୍ଧାନେ ଅସଲ ପରୀକ୍ଷା ଆରମ୍ଭ ହୋଇବ ସତ୍ୱରେ
ମୋ ଇଚ୍ଛା ସେକାଳେ ପ୍ରେରଣା ରୂପରେ ଫୁଟିବ ବିଶୁଦ୍ଧ ଅନ୍ତରେ
ବତ୍ସ! ନ ଫୁଟିବ ଶୁଦ୍ଧ ନହେଲେ ।୫।

ସଦ୍‌ଗୁରୁ-ଅବ୍ୟକ୍ତ-ଇଚ୍ଛା ସବୁକାଳେ ପ୍ରକାଶ ନିର୍ମଳ ଅନ୍ତରେ
ରୂପାୟିତ ଯେବେ କରିବ ସେ ଇଚ୍ଛା ସଂଘବଦ୍ଧ ହୁଅ ସକଳେ
ବତ୍ସ! ଅଧିକ ସଂହତ ଭାବରେ ।୬।

ଆପ୍ରାଣ ଚେଷ୍ଟାରେ ରୂପ ଦେବାପାଇଁ ମୋ ଇଚ୍ଛା ବ୍ୟକତ ଅବ୍ୟକ୍ତ
ଲାଗିଯିବ ଯେହୁ ଶିଷ୍ୟ ମୋର ସେହୁ ସେହି ପ୍ରେମିକ ଭକତ
ବତ୍ସ! ସୁଖପାଏ ମୋତେ ପ୍ରକୃତ ।୭।

## ଅଭୟ ବାଣୀ

କହେ ବାରମ୍ବାର ମୋ ଇଚ୍ଛା ତାହାର ଅନ୍ତରେ ବିକଶି ଉଠିବ
ଅକୃତ୍ରିମ ପ୍ରେମବଳେ ସେ ହୃଦୟ ଶତଦଳ ରୂପେ ଫୁଟିବ
ବତ୍ସ! ପରାଣ-ଅଶାନ୍ତି ତୁଟିବ ।୮।

ଯେତେଦିନ ଥିବି ସ୍ଥୁଳଦେହ ଧରି ମୁଖ ନିର୍ଦ୍ଦେଶକୁ ମାନିବ
ଅନ୍ତର୍ଦ୍ଧାନ ପରେ ବୁକୁ-ଭାଷା ମୋର ବୁଝିବାକୁ କ୍ଷମ ହୋଇବ
ବତ୍ସ! ଅନ୍ତରୁ ପ୍ରେରଣା ପାଇବ ।୯।

ଚିତ୍ତ ଶୁଦ୍ଧ କର ଅଭାବେ ତାହାର ମୋ ଇଚ୍ଛା ବିକୃତ ରୂପରେ
ଦେଖାଦେବ ସିନା, ବୁଝିବାକୁ ହେଲେ ସମାହିତ ହୁଅ ଅନ୍ତରେ
ବତ୍ସ! ଗଭୀରୁଁ ଅଧିକ ଗଭୀରେ ।୧୦।

ଚିତ୍ତଶୁଦ୍ଧି ପାଇଁ ଏକଦିଗେ ସର୍ବେ କର ଧ୍ୟାନ ଅବଲମ୍ବନ
ଗୁଣକ୍ଷୟ ପାଇଁ ଅପର ଦିଗରେ ଆଚର ନିଷ୍କାମ କରମ
ବତ୍ସ! ସମଭାବେ ଦୁଇ ସାଧନ ।୧୧।

ତେବେ ସିନା ମୋତେ ଲଭିବ ପ୍ରକୃତେ ଫୁଟିବ ପ୍ରେରଣା ରୂପରେ
ଅନ୍ତରେ ପାଇବା ଅସଲ ପ୍ରାପତି ବୁଝିବ ସେକାଳେ ସକଳେ
ବତ୍ସ! କେଭେଁ ନ କାନ୍ଦିବ ବିକଳେ ।୧୨।

ଅଛି ଚିରକାଳ ଥିବି ଚିରକାଳ ସନ୍ଦେହ ତିଳେ ଯେ କରିବ
ଅସ୍ତିତ୍ୱରେ ମୋର ନାହିଁ ତ ବିଶ୍ୱାସ ଝୁରି ଝୁରି କାନ୍ଦି ମରିବ
ବତ୍ସ! ବିଫଳେ ଜୀବନ ହାରିବ ।୧୩।

ଏହି ଦେହକାଳେ ଦେଖୁଛ ସକଳେ ରହିଛି ବାହାରେ ତୁମର
ରକ୍ଷା କଲେ ଦେହ ସକଳ ହୃଦୟ ହେବ ମୋ ଆସନ ମନ୍ଦିର
ବତ୍ସ! ଦେବତା ଆସନ ରୁଚିର ।୧୪।